# ତହସିଲଦାର ଙ୍କ କାର୍ଯ୍ୟାଳୟ, ବଂଅରପାଳ

ସଂଖ୍ୟା 7988 / ତାରିଖ 5-11-2020.

## ଲଘୁ ଖଣିଜ ସକାଶେ ଲିଜ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବଂଅରପାଳ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖଦାନକୁ ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ ୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ବଂଅରପାଳଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ OMMC Rules, 2016, Form- 'M' ରେ ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି Sealed Cover ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୫।୧୨।୨୦୨୦ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ମାଧ୍ୟମରେ ଦାଖଲ କରିବେ । ସମସ୍ତ ପ୍ରାପ୍ତହୋଇଥିବା ବନ୍ଦ ଲଫାପା ଗୁଡିକ ତା୧୬।୧୨।୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଯେଉଁ ସଇରାତ ଉତ୍ସ ଗୁଡିକ ପ୍ରଥମ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇ ନପାରିବ ସେହି ଉତ୍ସ ଗୁଡିକପାଇଁ ଦ୍ୱିତୀୟ ତାରିଖ ତା୨୨।୧୨।୨୦୨୦ରିଖ ଅପରାହ୍ନ ୫ଘଟିକା ଓ ତୃତୀୟ ତାରିଖ ତା୨୯।୧୨।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଯଥାକ୍ରମେ ତା୨୩।୧୨।୨୦୨୦ରିଖ ଓ ତା୩୦।୧୨।୨୦୨୦ରିଖ ପୂର୍ବାହ୍ନ ଘ୧୧ଟା ସମୟରେ ଲୀଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ । ଧାର୍ଯ୍ୟତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ସଇରାତ ଉତ୍ସ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଅନୁଗୁଳ ଜିଲ୍ଲା website ତଥା www.angul.nic.in ରେ ଉପଲବ୍ଧ ହୋଇପାରିବ ।

୦୧. ଦରଖାସ୍ତ ଫି ସକାଶେ ଟ ୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ।

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୂପ ରୟାଲଟି ଏବଂ Additional ଚାର୍ଜ(ଅତିରିକ୍ତ ମୂଲ୍ୟ) ଅନୁଯାୟୀ ବାର୍ଷିକ MGQ ର ୫% ଯାହାକି ଡିମାଣ୍ଡ ଡ୍ରାଫ୍ଟ ତହସିଲଦାର, ବଂଅରପାଳଙ୍କ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ତଥା ରାଜସ୍ୱ ପାଉଣା ବାକି ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

contd. to P-2

୦୬. ଆବେଦନକାରୀ ଚଳିତ ବର୍ଷର ସଲଭେନସୀ ସାର୍ଟିଫିକେଟ କିମ୍ବା ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guaranteed Quantity (MGQ) ରୟାଲଟିର ପରିମାଣର ସମାନ ଅର୍ଥର ବ୍ୟାଙ୍କ ଗ୍ୟାରେଣ୍ଟି ତହସିଲଦାର, ବଂଅରପାଳଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷର IT Return ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୦୮. ଚଳିତ ବର୍ଷର G.S.T Clearance ସାର୍ଟିଫିକେଟର ନକଲ ।

## ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ପରିସର ଭୁକ୍ତ ହେବେ ।

୦୨. ଲିଜଧାରୀ Mines Act ୧୯୫୨ ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନନେଲେ ତତ୍ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଯାଇଥିବା Additional Charge ର ମୂଲ୍ୟ ସମାନ ପରିଲକ୍ଷିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ଦେଇନଥିବେ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବେ, ଦରଖାସ୍ତକାରୀଙ୍କ 'M' ଫର୍ମ ଖାରଜ କରି ଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାୟୀ ଲିଜଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୦୭. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୦୮. ଲିଜ ମଞ୍ଜୁରୀ ପରେ ଲିଜଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ । ଲିଜରାଶି + Additional Charge + DMF ର ରାଶି ସହିତ ୨୫% ଅମାନତ ଆକାରରେ ଜମା କରିବେ ।

୦୯. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲ୍ଲଂଘନ କଲେ ତାଙ୍କର ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି ହେବ ।

Contd. to P-3

୧୦. ଲିଜଧାରୀ ଲିଜରାଶି ଓ ଅମାନତ ଟଙ୍କା ବ୍ୟତିରେକ ୧୦% ଲିଜରାଶି (DMF) ପାଇଁ ଜମା କରିବେ

୧୧. ଲିଜଧାରୀ ଲିଜରାଶିର ୫% (Environmental Management Fund) ଆକାରରେ ଦାଖଲ କରିବାପାଇଁ ବାଧ ହେବେ ।

୧୨. ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜକୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୧୩. ତହସିଲ କାର୍ଜ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ଇଚ୍ଛୁକ ପ୍ରାର୍ଥୀ 'M' ଫର୍ମ, ଲିଜ ସର୍ତ୍ତାବଳୀ ତଥା ସଇରାତର ସମସ୍ତ ବିବରଣୀ ଅବଗତ ହୋଇ ପାରିବେ ।

୧୪. ଲିଜଧାରୀ ଲିଜ ପାଇବାପରେ ସଇରାତ ପରିଚାଳନା ପାଇଁ OMMC Rules, 2016 ର ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ ହେବେ ।

୧୫. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ 'F' ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରକୁ ଏକତ୍ରକରି ଗୁଣନକଲେ ଯେଉଁ ପରିମାଣ ଅର୍ଥ ହେବ ତାହା ସହିତ ଅନ୍ୟାନ୍ୟ ସରକାରୀ ଦେୟ ଲିଜଧାରୀ Environment Clearance ଆଣି ସାରିଲା ପରେ ପଇଠ କରିବେ | ସମ୍ପୂର୍ଣ ରାଶି ପଇଠ ହେଲାପରେ ଲିଜଧାରୀ ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଆନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer State Pollution Control Board, Angul ଙ୍କ ଠାରୁ CTO ଆଣିବା ପାଇଁ ବାଧ ହେବେ |

୧୭. ପରିବେଶ ମଞ୍ଜୁରି ପାଇଁ ଆବଶ୍ୟକ ଅର୍ଥ ଲିଜଧାରୀ ଦାଖଲ କରିବେ |

୧୮. ଲିଜ ଲାଗି ଆବେଦନ କରିବା ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପୂର୍ବରୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ |

୧୯. ଲିଜ ଗ୍ରହଣ କରିସାରିବା ପରେ ଲିଜ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୦. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

୨୨. ଜମା ରୟାଲଟି ରାଶିର ୨% ଲିଜଧାରୀ T.D.S ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜଧାରୀ ରୟାଲଟିର ୫% EMF ଓ ୧୦% DMF ବାବଦକୁ ଦାଖଲ କରିବେ ।

Contd. to P-4

୨୩. ଲିଜଧାରୀ ସଇରାତ ଉସ୍ଥର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସଇରାତ ଉସ୍ଥର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୨୪. ଲିଜଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୂଷଣ ବୋର୍ଡ, ଅନୁଗୁଳ ଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ ।

୨୫. ରୟାଲଟି (Royalty) ଓ ଅତିରିକ୍ତ ମୂଲ୍ୟ (Additional Charge) ଅନୁମୋଦିତ ମାଇନିଙ୍ଗ ପ୍ଲାନରେ ଦର୍ଶଯାଇଥିବା MGQ ଆଧାରରେ ଲିଜଧାରୀ ଦାଖଲ କରିବାକୁ ବାଧ୍ୟ ହେବେ ।

୨୬. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଲିଜଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉସ୍ଥରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୨୭. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ବଂଅରପାଳ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖି ପାରିବେ |

୨୮. ସଇରାତ ଉସ୍ଥ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସର୍ତ୍ତାବଳୀ www.angul.nic.in ରେ ଉପଲବ୍ଧ ହେବ ।

୨୯. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

୩୦. ଲିଜ ଗ୍ରହଣ କରିବାପାଇଁ ଦରଖାସ୍ତ ନିଲାମ ତାରିଖର ପୂର୍ବଦିନ ଯଥାକ୍ରମେ ତା୧୫।୧୨।୨୦୨୦ରିଖ ତା୨୨।୧୨।୨୦୨୦ରିଖ ତା୨୯।୧୨।୨୦୨୦ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ତା ପରେ ଆସିଥିବା ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବନାହିଁ ।

୩୧. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

04.11.2020

ତହସିଲଦାର, ବନରପାଳ

**ସ୍ମାରକ ସଂଖ୍ୟା __________/ ତାରିଖ __________**

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୁଳ / ଉପଜିଲ୍ଲାପାଳ, ଅନୁଗୁଳ/ ସମସ୍ତ ଗୋଷ୍ଠିଉନ୍ନୟନ ଅଧିକାରୀ, ଅନୁଗୁଳ ଜିଲ୍ଲା/ ସମସ୍ତ ଗ୍ରାମପଞ୍ଚାୟତ ଅନୁଗୁଳ ଜିଲ୍ଲା / ସମସ୍ତ ତହସିଲଦାର, ଅନୁଗୁଳ ଜିଲ୍ଲା/ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମ୍ପୃକ୍ତ ଗ୍ରାମର କୋଠ ଘର ଓ ସମ୍ପୃକ୍ତ ସଇରାତ ସ୍ଥଳୀରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

04.11.2020

ତହସିଲଦାର, ବନରପାଳ

Contd. to P-5

## ସଇରାତ ବିବରଣୀ – ବନରପାଳ ତହସିଲ ଆର୍ଥିକ ବର୍ଷ ୨୦୨୦ – ୨୧ ଠାରୁ ୨୦୨୪ – ୨୫ ପର୍ଯ୍ୟନ୍ତ

| କ୍ରମିକ ସଂଖ୍ୟା | କେସ ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା(ହେକ୍ଟରରେ) | ସର୍ବନିମ୍ନ ମୂଲ୍ୟ (ଘନ ମି ପ୍ରତି) | ଅତିରିକ୍ତ ମୂଲ୍ୟ (ଘନ ମି ପ୍ରତି) (ବେସରକାରୀ ସଁସ୍ଥା ପାଇଁ) | ଅତିରିକ୍ତ ମୂଲ୍ୟ (ଘନ ମି ପ୍ରତି) (ସରକାରୀ ସଁସ୍ଥା ପାଇଁ) | ମୋଟ ଧାର୍ଯ୍ୟ ମୂଲ୍ୟ (ଘନ ମି ପ୍ରତି) (ବେସରକାରୀ ସଁସ୍ଥା ପାଇଁ) | ମୋଟ ଧାର୍ଯ୍ୟ ମୂଲ୍ୟ (ଘନ ମି ପ୍ରତି) (ସରକାରୀ ସଁସ୍ଥା ପାଇଁ) | ବାର୍ଷିକ ସର୍ବନିମ୍ନ ଗ୍ୟାରେଣ୍ଟେଡ୍ ପରିମାଣ( MGQ) | ଅମାନତ ରାଶି (EMD) ବେସରକାରୀ ସଁସ୍ଥା ପାଇଁ | ଅମାନତ ରାଶି (EMD) ସରକାରୀ ସଁସ୍ଥା ପାଇଁ | ଲୀଜ ଅବଧି |
|---|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧ | ୦୧/ ୨୦୨୦-୨୧ | କୃଷ୍ଣଚନ୍ଦ୍ରପୁର ପଥରଖଣି ନଂ୧ | କୃଷ୍ଣଚନ୍ଦ୍ରପୁର | ୬୨,୬୪, ୬୫ | ୫୬୫,୨୬୫, ୨୬୬,୨୬୭, ୫୪,୫୫ | ହେ୨.୨୫୮ | ଟ୧୩୦.୦୦ | ଟ୧୪୩.୦୦ | ଟ୩୫୫.୦୦ | ଟ୨୭୩.୦୦ | ଟ୪୮୫.୦୦ | ୫୫୯୪ଘ. ମି. | ଟ୬୬୩୫୮.୦୦ | ଟ୧୩୫୬୫୫.୦୦ | ପ୍ରାପ୍ତ ତାରିଖଠାରୁ ପାଞ୍ଚ ବର୍ଷ |
| ୨ | ୦୮/ ୨୦୨୦-୨୧ | ସନ୍ତୀ ପଥରଖଣି | ସନ୍ତୀ | ୧୦୪୫ | ୧୮୯୧ | ହେ୩.୬୬୬ | ଟ୧୩୦.୦୦ | ଟ୧୪୩.୦୦ | ଟ୩୫୫.୦୦ | ଟ୨୭୩.୦୦ | ଟ୪୮୫.୦୦ | ୪୫୦୫ଘ. ମି. | ଟ୬୧୪୯୩.୦୦ | ଟ୧୦୯୨୪୬.୦୦ | ପ୍ରାପ୍ତ ତାରିଖଠାରୁ ପାଞ୍ଚ ବର୍ଷ |
| ୩ | ୦୯/୨୦୨୦-୨୧ | ଅଙ୍କୁରବାହଳ ପଥରଖଣି | ଅଙ୍କୁରବାହଳ | ୧୩୫ | ୨୮୮ | ହେ୦.୫୩୪୦ | ଟ୧୩୦.୦୦ | ଟ୩୫୫.୦୦ | ଟ୩୫୫.୦୦ | ଟ୪୮୫.୦୦ | ଟ୪୮୫.୦୦ | ୭୮୪୦ଘ. ମି. | ଟ୧୯୦୧୨୦.୦୦ | ଟ୧୯୦୧୨୦.୦୦ | ପ୍ରାପ୍ତ ତାରିଖଠାରୁ ପାଞ୍ଚ ବର୍ଷ |
| ୪ | ୧୦/ ୨୦୨୦-୨୧ | ଫୁଲପଡା ପଥରଖଣି | ଫୁଲପଡା | ୬୦୯ | ୬୨୦ | ହେ୨.୦୨୩୫ | ଟ୧୩୦.୦୦ | ଟ୧୪୩.୦୦ | ଟ୩୫୫.୦୦ | ଟ୨୭୩.୦୦ | ଟ୪୮୫.୦୦ | ୨୯୨୬ଘ. ମି. | ଟ୩୯୯୪୦.୦୦ | ଟ୭୦୯୫୬.୦୦ | ପ୍ରାପ୍ତ ତାରିଖଠାରୁ ପାଞ୍ଚ ବର୍ଷ |

05.11.2020

ତହସିଲଦାର, ବଂଅରପାଳ